ରିପୋର୍ଟଯୋଗ୍ୟ

**ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ**

**ଫୌଜଦାରୀ ଅପିଲ ନ୍ୟାୟାଧୀକାର କ୍ଷେତ୍ର**

**୨୦୨୧ର ଅପରାଧିକ ଆବେଦନ ସଂଖ୍ୟା ୧୪୫୫ ଏବଂ ୧୪୫୬**

**ଓଡ଼ିଶା ରାଜ୍ୟ.......................................... ଆବେଦନକାରୀ**

**ବନାମ**

**ପ୍ରତିମା ମହାନ୍ତି ଇତ୍ୟାଦି............................ ଉତ୍ତରଦାତାମାନେ**

**ରାୟ**

**ଏମ୍. ଆର. ଶାହ, ବିଚାରପତି**

୧. ଫୌଜଦାରୀ ଦଣ୍ଡବିଧି (ସି ଆର ପି ସି ) ର ଧାରା ୪୮୨ ଅଧୀନରେ କରାଯାଇଥିବା ଫୌଜଦାରୀ ବିବିଧ ଆବେଦନ (କ୍ରିମିନାଲ ମିସଲେନିୟସ ଆପ୍ଲିକେସନ) ନଂ.୩୧୭୭/୨୦୧୭ ଏବଂ ଫୌଜଦାରୀ ବିବିଧ ଆବେଦନ (କ୍ରିମିନାଲ ମିସଲେନିୟସ ଆପ୍ଲିକେସନ) ନଂ.୪୮୦୪ / ୨୦୧୫ କୁ ଅନୁମତି ପ୍ରଦାନ କରି ଓଡିଶା ଉଚ୍ଚ ନ୍ୟାୟାଳୟ ତା ୦୪.୦୯.୨୦୧୯ ରିଖରେ ଏହି ଆବେଦନର ବେସରକାରୀ ପ୍ରତିବାଦୀପକ୍ଷ- ମୌଳିକ ଅଭିଯୁକ୍ତ ନମ୍ବର ୪, ୫ ଓ ୩ - ଶ୍ରୀମତୀ ପ୍ରତିମା ମହାନ୍ତି , ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ର ଏବଂ ଶ୍ରୀ ରାଜେନ୍ଦ୍ର କୁମାର ସାମଲଙ୍କ ବିରୁଦ୍ଧରେ ହୋଇଥିବା ଅପରାଧିକ / ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ଖାରଜ କରି ଦେଇଥିବା ଆକ୍ଷେପିତ ରାୟ ଓ ଆଦେଶ ଦ୍ୱାରା ବ୍ୟଥିତ ଓ ଅସନ୍ତୁଷ୍ଟ ହୋଇ ଓଡ଼ିଶା ରାଜ୍ୟ ସରକାର ଏହି ଅପିଲ ଆବେଦନମାନ ଆଗତ କରିଛନ୍ତି ।

୨. ପୁଲିସ ଉପ ଅଧୀକ୍ଷକ , ଦୁର୍ନୀତି ନିବାରଣ (ଭିଜିଲାନ୍ସ) , ଦୁର୍ନୀତି ନିବାରଣ (ଭିଜିଲାନ୍ସ) ସେଲ ୟୁନିଟ କାର୍ଯ୍ୟାଳୟ , ଭୁବନେଶ୍ୱର , ପୁଲିସ ଅଧୀକ୍ଷକ , ଭୁବନେଶ୍ୱର ଡିଭିଜନ , ଭୁବନେଶ୍ୱରର ଦୁର୍ନୀତି ନିବାରଣ (ଭିଜିଲାନ୍ସ) ଙ୍କ ସମ୍ମୁଖରେ ଅଧିକନ୍ତୁ ଅଭିଯୋଗ କରିଥିଲେ ଯେ ପ୍ରାଥମିକ ତଦନ୍ତରେ ଏହା ଜଣାପଡ଼ିଛି ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ଏହା ପରେ 'ବି. ଡି. ଏ.' ଭାବରେ ଏଠାରେ ଉଲ୍ଲେଖିତ) ଏବଂ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ଏହା ପରେ 'ଏଚ୍ ଆଣ୍ଡ ୟୁ ଡି' ଭାବରେ ଏଠାରେ ଉଲ୍ଲେଖିତ) ରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ଥିବା କେତେକ ସରକାରୀ କର୍ମଚାରୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ବାଣିଜ୍ୟିକ ପରିସର ଜିଲ୍ଲା କେନ୍ଦ୍ର (କମର୍ସିଆଲ କମ୍ପ୍ଲେକ୍ସ ଡିଷ୍ଟ୍ରିକ୍ଟ ସେଣ୍ଟର) ରେ

ପ୍ରମୁଖ ଭୂଖଣ୍ଡଗୁଡିକୁ (ପ୍ରାଇମ୍ ପ୍ଲଟସ୍ ) ଗୋପନୀୟ ଭାବେ ବଣ୍ଟନ କରିଥିଲେ । ଅଭିଯୋଗ ଏହିପରି କରାଯାଇଥିଲା ଯେ ଅପରାଧିକ ଷଡ଼ଯନ୍ତ୍ର ଏବଂ ସରକାରୀ ପଦବୀର ଅପବ୍ୟବହାର କରି ବି. ଡି. ଏ.ଏବଂ ଏଚ.ଏଣ୍ଡ ୟୁ. ଡି. ଓଡ଼ିଶାର ସରକାରୀ ଅଧିକାରୀମାନେ ଗୋପନୀୟ ଭାବେ ପ୍ରମୁଖ ଭୂଖଣ୍ଡଗୁଡିକୁ ( ପ୍ରାଇମ୍ ପ୍ଲଟ) ବଣ୍ଟନ କରିଥିଲେ । ସେହି ସମୟରେ ମୂଳ ଅଭିଯୁକ୍ତ ନଂ. ୪ ଶ୍ରୀମତୀ ପ୍ରତିମା ମହାନ୍ତି , ବି ଡ଼ି ଏ ର ଉପାଧ୍ୟକ୍ଷ (ଭାଇସ ଚେୟାରମ୍ୟାନ) ଙ୍କ ଷ୍ଟେନୋ ଭାବେ କାର୍ଯ୍ୟ କରୁଥିଲେ ଏବଂ ମୂଳ ଅଭିଯୁକ୍ତ ନଂ. ୫ ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ର ବି ଡି ଏ ର ଆବଣ୍ଟନ ବିଭାଗରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିଲେ ଏବଂ ମୂଳ ଅଭିଯୁକ୍ତ ନଂ. ୩ ଶ୍ରୀ ରାଜେନ୍ଦ୍ର କୁମାର ସାମଲ , ବି. ଡି. ଏ. ର ଆବଂଟନ ବିଭାଗ - ୨ ରେ ସମ୍ପୃକ୍ତ ସହାୟକ (ଡିଲିଂ ଆସିଷ୍ଟାଣ୍ଟ ) , ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ମୂଳ ଅଭିଯୁକ୍ତ ନଂ. ୬ ) ଥିଲେ । ସମସ୍ତ ଅଭିଯୁକ୍ତମାନଙ୍କ ଦ୍ୱାରା ଉତ୍ଥାପିତ ଅପରାଧିକ ଷଡ଼ଯନ୍ତ୍ର ବ୍ୟତୀତ ଏହା ପୁନର୍ବାର ଅଭିଯୋଗ ହୋଇଥିଲା ଯେ ସାଧାରଣ ଜନତାଙ୍କୁ ସୁଯୋଗ ପ୍ରଦାନ କରିବା ଲାଗି ବିଡ଼ିଏ ପ୍ଲଟର ଉପଲବ୍ଧତା ଏବଂ ସେଗୁଡ଼ିକର ବିକ୍ରୟ ମୂଲ୍ୟ ସମ୍ପର୍କରେ କୌଣସି ବିଜ୍ଞାପନ ଦିଆଯାଇ ନଥିଲା । ଅଭିଯୋଗ କରାଯାଇଥିଲା ଯେ ସାଧାରଣ ଜନତାଙ୍କୁ ଅନ୍ଧାରରେ ରଖି ବି ଡ଼ି ଏ (ଅଭିଯୁକ୍ତ) ର ସରକାରୀ କର୍ମଚାରୀମାନେ , ଯେଉଁମାନଙ୍କୁ ଆଭ୍ୟନ୍ତରୀଣ ବ୍ୟକ୍ତିଭାବେ ଏଭଳି ସୂଚନା ଉପଲବ୍ଧ ଥିଲା , ସେମାନେ ପ୍ରମୁଖ ପ୍ଲଟକୁ ସେମାନଙ୍କ ନିଜ ମଧ୍ୟରେ କିମ୍ବା ସେମାନଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ବଣ୍ଟନ କରିଥିଲେ ଏବଂ ତାହା ମଧ୍ୟ ସେହି କ୍ଷେତ୍ରରେ ପ୍ରଚଳିତ ଦର ତୁଳନାରେ ସର୍ବନିମ୍ନ ଦରରେ ବଣ୍ଟନ କରିଥିଲେ । ଏହାଦ୍ୱାରା ଆବଂଟନଗ୍ରାହୀମାନଙ୍କୁ ଅନୁଚିତ ଆର୍ଥିକ ଲାଭ ମିଳିଥିଲା ଏବଂ ତଦନୁସାରେ କୌଣସି ସାର୍ବଜନୀନ ସ୍ୱାର୍ଥଲାଭ ନଥିବା ସହ ବି ଡ଼ି ଏ ଏବଂ ସରକାରୀ ରାଜକୋଷର ବିପୁଳ କ୍ଷତି ହୋଇଥିଲା ।

୨.୧ ଏହା ମଧ୍ୟ ଅଭିଯୋଗ କରାଯାଇଥିଲା ଯେ ବି .ଡି .ଏ. ର ଟ ୩୦୨୭,୮୪୯.୮୦ ଙ୍କା ଏବଂ ଟ ୭୧,୫୭,୦୫୫.୦୦ ଙ୍କା ର ଅନୁଚିତ କ୍ଷତି ହୋଇଥିଲା । ତେଣୁ ସମସ୍ତ ଅଭିଯୁକ୍ତ ଆଇ ପି ସି ର ଧାରା ୧୨୦ ବି ଏବଂ ଦୁର୍ନୀତି ନିବାରଣ ଅଧିନିୟମ , ୧୯୮୮ (ଏହା ପରେ 'ଅଧିନିୟମ' ଭାବେ ଉଲ୍ଲେଖିତ) ର ଧାରା ୧୩ (୨) ସହ ଧାରା ୧୩ (୧) (ଡି) ଅଧୀନରେ ଅପରାଧ କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା । ଏହି ଏଫ୍ ଆଇ ଆର୍ କୁ ୨୦୦୫ ମସିହାର ପି.ଏସ୍ ନମ୍ବର ୩୧ ମାମଲା ଭାବେ ଗ୍ରହଣ କରାଯାଇଥିଲା । ସମସ୍ତ ଅଭିଯୁକ୍ତ ଭୁବନେଶ୍ୱରର ବି ଡ଼ି ଏ ରେ କାର୍ଯ୍ୟରତ ସରକାରୀ କର୍ମଚାରୀ ହୋଇଥିବାରୁ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ମଞ୍ଜୁରି ଆଦେଶପ୍ରାପ୍ତ କରାଯାଇଥିଲା । ତଦନ୍ତ ଶେଷ ହେବା ପରେ ତଦନ୍ତକାରୀ ସଂସ୍ଥା ତତ୍କାଳୀନ ଏଚ ଏଣ୍ଡ ୟୁ ଡି ବିଭାଗର ମନ୍ତ୍ରୀଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ପତ୍ର (ଚାର୍ଜସିଟ) ଦାଖଲ କରିଥିଲେ । ସରକାରୀ ପଦବୀର ଅପବ୍ୟବହାର କରି ସେମାନେ ଅପରାଧିକ ଷଡଯନ୍ତ୍ର କରିଥିଲେ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଅନୁଚିତ ସରକାରୀ ସୁବିଧା ପ୍ରଦାନ କରିଥିଲେ ଓ

ଆବଣ୍ଟନଗ୍ରହୀତାଙ୍କୁ ୧୦ ଟି ପ୍ଲଟ ଆବଣ୍ଟନରେ ବେଆଇନ ଆର୍ଥିକଲାଭ ପ୍ରଦାନ କରିଥିଲେ । ଫଳସ୍ୱରୂପ , ବି ଡ଼ି ଏ ବିପୁଳ କ୍ଷତି ସହିଥିଲା ଏବଂ ଅଭିଯୁକ୍ତଙ୍କୁ ଅଧିନିୟମର ଧାରା ୧୩(୨) ଧାରା ସହିତ ୧୩(୧) ଡି ଅଧୀନରେ ଏବଂ ଆଇ ପି ସି ର ଧାରା ୧୨୦ ବି ସହିତ ପଢାଯାଇଥିବା ଧାରା ୪୨୦ ଅନୁଯାୟୀ ଅପରାଧ ପାଇଁ ଦାୟୀ କରିଥିଲା । ପାଞ୍ଚ ଜଣ ଅଭିଯୁକ୍ତ ଯଥା ଶ୍ରୀ ବିଭୁତି ଭୂଷଣ ରାୟ ,ଶ୍ରୀ ପର୍ଶୁରାମ ବିଶ୍ୱାଳ ,ଶ୍ରୀମତୀ ପ୍ରତିମା ମହାନ୍ତି ,ଶ୍ରୀ ରାଜେନ୍ଦ୍ର କୁମାର ସାମଲ ଏବଂ ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ର ଫୌଜଦାରୀ ବିବିଧ ଆବେଦନ (କ୍ରିମିନାଲ ମିସଲେନିୟସ ଆପ୍ଲିକେସନ) ନଂ. ୩୧୭୭ / ୨୦୧୭ ଓ ୪୮୦୪ / ୨୦୧୫ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ସି ଆର ପି ସି ଧାରା ୪୮୨ ଅଧୀନରେ ସେମାନଙ୍କ ବିରୋଧରେ ହୋଇଥିବା ଅପରାଧିକ କାର୍ଯ୍ୟପ୍ରକ୍ରିୟା କୁ ରଦ୍ଦ କରିବା ଲାଗି ପ୍ରାର୍ଥନା କରିଥିଲେ ।

୨.୨ ଉଚ୍ଚ ନ୍ୟାୟାଳୟ ନିଜର ସାଧାରଣ ଆକ୍ଷେପିତ ରାୟ ଓ ଆଦେଶ ଦ୍ୱାରା ଉପରୋକ୍ତ ଆବେଦନକୁ ଆଂଶିକ ଭାବେ ଅନୁମତି ଦେଇଛନ୍ତି ଏବଂ ଶ୍ରୀମତୀ ପ୍ରତିମା ମହାନ୍ତି (ମୂଳ ଅଭିଯୁକ୍ତ ନଂ.୪) , ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ର (ମୂଳ ଅଭିଯୁକ୍ତ ନଂ.୫) ଏବଂ ଶ୍ରୀ ରାଜେନ୍ଦ୍ର କୁମାର ସାମଲ (ମୂଳ ଅଭିଯୁକ୍ତ ନଂ. ୩) ଙ୍କ ବିରୋଧରେ ଅପରାଧିକ ପ୍ରକ୍ରିୟାକୁ ରଦ୍ଦ କରିଛନ୍ତି , ମୁଖ୍ୟତଃ ଏହି ଆଧାରରେ ଯେ ଉକ୍ତ ଅଭିଯୁକ୍ତମାନେ କୌଣସି ଭାବରେ ଆବଣ୍ଟନ ଫାଇଲ ହାତକୁ ନେଇ ନାହାନ୍ତି ଏବଂ ବେଆଇନ ଭାବେ ସେମାନଙ୍କ ପରିବାର ସଦସ୍ୟମାନେ ପ୍ଲଟ ପାଇବେ ବୋଲି ଅଭିଯୁକ୍ତମାନଙ୍କ ମଧ୍ୟରୁ କେହି ହେଲେ ଅନ୍ୟ ଅଭିଯୁକ୍ତଙ୍କୁ ବା ବି ଡି ଏ ର କିମ୍ବା ଏଚ. ଆଣ୍ଡ ୟୁ . ଡି. ବିଭାଗର କୌଣସି ଅଧିକାରୀଙ୍କୁ ପ୍ରଭାବିତ କରିଥିବାର ତଥ୍ୟ ଉପଲବ୍ଧ ନାହିଁ । ଏହା ମଧ୍ୟ କୁହାଯାଇଛି ଯେ ଏହି ଅଭିଯୁକ୍ତମାନେ ପୂର୍ବରୁ ମିଳିତ ମାନସିକତା (ପ୍ରି କନସର୍ଟ) ରେ କାର୍ଯ୍ୟ କରିଥିଲେ ଏବଂ ଖାଲିଥିବା ପ୍ଲଟ ପାଇବା ପାଇଁ ଅନ୍ୟ ସହଯୋଗୀଙ୍କ ସହ ଅପରାଧିକ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ବୋଲି ଏଭଳି କୌଣସି ତଥ୍ୟ ନଥିଭୁକ୍ତ କରାଯାଇ ନାହିଁ ।

୨.୩ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବେସରକାରୀ ପ୍ରତିବାଦୀ- ମୂଳ ଅଭିଯୁକ୍ତ ନଂ ୪, ୫ ଓ ୩ ଙ୍କ ବିରୋଧରେ ହୋଇଥିବା ଅପରାଧିକ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରି ଦିଆଯାଇଥିବା ସାଧାରଣ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ବ୍ୟଥିତ ଏବଂ ଅସନ୍ତୁଷ୍ଟ ଅନୁଭବ କରି ରାଜ୍ୟ ସରକାର ଅଧିନିୟମର ଧାରା ୧୩ (୨) ସହ ଧାରା ୧୩ (୧) (ଡି) ଏବଂ ଧାରା ୪୨୦ ସହିତ ଆଇ ପି ସି ଧାରା ୧୨୦ ବି ଅଧୀନରେ ବର୍ତ୍ତମାନର ଅପିଲ ଦାଖଲ କରିଛନ୍ତି ।

୩. ରାଜ୍ୟ - ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଦୃଢତାର ସହ କହିଛନ୍ତି ଯେ ବର୍ତ୍ତମାନର ମାମଲାରେ ଅଧିନିୟମର ଧାରା ୧୩ (୨) ସହ ଧାରା ୧୩ (୧) ଡି ଏବଂ ଧାରା ୪୨୦ ସହ ଆଇ ପି ସି ଧାରା ୧୨୦ ବି

ଅଧୀନରେ ହୋଇଥିବା ଅପରାଧ ପାଇଁ କରାଯାଇଥିବା ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ , ଉଚ୍ଚ ନ୍ୟାୟାଳୟ ଧାରା ୪୮୨ ବଳରେ ନିଜର ନ୍ୟାୟାଧୀକାର କ୍ଷମତା ପ୍ରୟୋଗ ଦ୍ୱାରା ରଦ୍ଦ କରି ଭୁଲ କରିଛନ୍ତି ।

୩ .୧ ପ୍ରତିବାଦୀ - ଅଭିଯୁକ୍ତଙ୍କ ବିରୋଧରେ ଅପରାଧିକ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ସି ଆର ପି ସି ଧାରା ୪୮୨ ଅଧୀନରେ ପାଇଥିବା ଏହାର ନ୍ୟାୟିକ କ୍ଷେତ୍ରାଧିକାରକୁ ଅତିକ୍ରମ କରିଛନ୍ତି ବୋଲି ଦାଖଲ କରାଯାଇଛି ।

୩ .୨ ଏହା ଦର୍ଶାଯାଇଛି ଯେ ସି ଆର ପି ସି ଧାରା ୪୮୨ ଅନ୍ତର୍ଗତ ଆବେଦନକୁ ବିଚାର କରିବାର ପର୍ଯ୍ୟାୟରେ , ମାମଲାର ସୂକ୍ଷ୍ମାତିସୂକ୍ଷ୍ମ ବିବରଣୀର ଆଦୌ ଆବଶ୍ୟକତା ନାହିଁ , ଏହି ତଥ୍ୟକୁ ଉଚ୍ଚ ନ୍ୟାୟାଳୟ ଆଦୌ ବିବେଚନାରେ ଆଣିନାହାନ୍ତି । ଏହା ଦାଖଲ କରାଯାଇଛି ଯେ ବର୍ତ୍ତମାନର ମାମଲାରେ ଏହା ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ପରସ୍ପରର ଭିତିରି ସହଯୋଗରେ ମନମୁଖୀ ଭାବରେ ୧୦ ଟି ପ୍ଲଟ ଆବଣ୍ଟନ କରିଥିଲେ ଏବଂ ପ୍ଲଟଗୁଡିକୁ ସ୍ୱେଚ୍ଛାକୃତ ଭାବେ ଅଭିଯୁକ୍ତ - ସରକାରୀ କର୍ମଚାରୀଙ୍କ ସମ୍ପର୍କୀୟଙ୍କୁ ଦିଆଯାଇଥିଲା । ଆଶାୟୀ କ୍ରେତାମାନଙ୍କଠାରୁ ଆବେଦନପତ୍ର ମଗାଯିବା ପାଇଁ ବି ଡ଼ି ଏ ଦ୍ୱାରା କୌଣସି ବିଜ୍ଞାପନ ଜାରି କରାଯାଇ ନଥିଲା ବୋଲି ଉପସ୍ଥାପନ କରାଯାଇଛି । ଅଭିଯୁକ୍ତ - ଅଧିକାରୀମାନେ ଜାଣିଶୁଣି ଏହି ବିଷୟକୁ ସାଧାରଣ ଜନତାଙ୍କଠାରୁ ପ୍ରତିଯୋଗିତାକୁ ଏଡ଼ାଇବାକୁ ଲୁଚାଇ ରଖିଥିଲେ । ବିନା ତାରିଖ ପକାଇ ଦିଆଯାଇଥିବା ଆବେଦନ ଆଧାରରେ ଏବେର ଅଭିଯୁକ୍ତ ଓ ସରକାରୀ କର୍ମଚାରୀମାନଙ୍କର ସମ୍ପର୍କୀୟମାନଙ୍କୁ ପ୍ଲଟ ଆବଣ୍ଟନ କରାଯାଇଥିବା ଜଣାପଡ଼ିଥିଲା ବୋଲି କୁହାଯାଇଛି । ତେଣୁ ଉପରୋକ୍ତ ଅପରାଧ ପାଇଁ ଭିଜିଲାନ୍ସ ସେଲ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ପ୍ରାଥମିକ ସୂଚନା ରିପୋର୍ଟ (ଏଫ ଆଇ ଆର୍) ଦାଖଲ କରାଯାଇଥିଲା । ଏହା କୁହାଗଲା ଯେ ଏକ ବ୍ୟାପକ ତଦନ୍ତ ପରେ ଭୁବନେଶ୍ୱରର ମାନ୍ୟବର ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଙ୍କ ନିକଟରେ ଏକ ଅଭିଯୋଗ ପତ୍ର (ଚାର୍ଜସିଟ) ଦାଖଲ କରାଯାଇଛି । ଏହା ଦାଖଲ କରାଯାଇଛି ଯେ ଅଧିନିୟମର ଧାରା ୧୩(୨) ସହିତ ପଠିତ ଧାରା ୧୩(୧) ଡି ଏବଂ ଧାରା ୪୨୦ ସହ ପଠିତ ଆଇପିସିର ଧାରା ୧୨୦ ବି ଅନୁଯାୟୀ ହୋଇଥିବା ଆପାତତଃ ଏହା ଅପରାଧିକ ମାମଲା ଭଳି ଦୃଷ୍ଟିଗତ ହେଉଛି ବୋଲି ପରିତୁଷ୍ଟି କଲାପରେ ଭୁବନେଶ୍ୱରର ମାନ୍ୟବର ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଏହାକୁ ବିଚାରାର୍ଥେ ଗ୍ରହଣ କରିଛନ୍ତି । ତେଣୁ ଉଚ୍ଚ ନ୍ୟାୟାଳୟ ଫୌଜଦାରୀ ଦଣ୍ଡବିଧାନ (ଆଇ ପି ସି) ର ଧାରା ୪୮୨ ଅଧୀନରେ କ୍ଷମତା ପ୍ରୟୋଗ କରିବାର ନଥିଲା କି ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିବାର ନଥିଲା ବୋଲି ଦାଖଲ କରାଯାଇଛି ।

୩.୩ ଦାଖଲ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଏଫ ଆଇ ଆର / ରେକର୍ଡ ରେ ଥିବା ତଥ୍ୟକୁ ଯାଞ୍ଚ କରି ଏପରି ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିଦେଇଥିଲେ , ଯେପରି କି ଉଚ୍ଚ ନ୍ୟାୟାଳୟ ଏକ ଲଘୁ ବିଚାର (ମିନି ଟ୍ରାଏଲ)

କରୁଥିଲେ ଯାହାକି ସି ଆର ପି ସି ଧାରା ୪୮୨ ଅଧୀନରେ କ୍ଷମତା ପ୍ରୟୋଗ କରିବାର ପର୍ଯ୍ୟାୟରେ ଅନୁମୋଦିତ ନୁହେଁ । ଏହା ମଧ୍ୟ ଦର୍ଶାଯାଇଛି ଯେ ଏହି ନ୍ୟାୟାଳୟର ଅନେକ ନିର୍ଣ୍ଣୟାନୁସାରେ ଉପରୋକ୍ତ ଦୃଷ୍ଟିକୋଣ ସଂପୂର୍ଣ୍ଣ ଭାବେ ଅସଙ୍ଗତ ।

୩.୪ ପୁନଶ୍ଚ ଏହା ମଧ୍ୟ ଦର୍ଶାଯାଇଛି ଏପରିକି ଅପରାଧିକ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟକୁ ଆଦୌ ଦେଖିନାହାନ୍ତି ଏବଂ ବିବେଚନା କରିନାହାନ୍ତି ଯେ ସମସ୍ତ ସରକାରୀ କର୍ମଚାରୀ କୌଣସି ନା କୌଣସି ଉପାୟରେ ପରସ୍ପରସହ ସମ୍ପୃକ୍ତ ଥାଇ ସ୍ୱେଚ୍ଛାକୃତ କୋଟାରେ ପ୍ଲଟ ଆବଣ୍ଟନ କ୍ଷେତ୍ରରେ ଅପରାଧିକ ଷଡଯନ୍ତ୍ର କରି ଥିବାର ଅଭିଯୋଗ ଥିଲା , ଏବଂ ଏହି ଅପରାଧ ଆଇ ପି ସି ଧାରା ୧୨୦ ବି ଅଧୀନରେ ଘଟିଥିବାର ଅଭିଯୋଗ କରାଯାଇଥିଲା । ମୁଖ୍ୟତଃ ଏହି ଆଧାରରେ ଉଚ୍ଚ ନ୍ୟାୟାଳୟ ଅପରାଧିକ / ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ନିଜର ଆକ୍ଷେପିତ ରାୟ ଓ ଆଦେଶ ଦ୍ୱାରା ରଦ୍ଦ କରିଥିଲେ ଯେ ପ୍ରତିବାଦୀ-ଅଭିଯୁକ୍ତ କୌଣସି ଆବଣ୍ଟନ ଫାଇଲରେ କେବେ ମଧ୍ୟ କାରବାର କରିନାହାନ୍ତି ଏବଂ କୌଣସି ସହ-ଅଭିଯୁକ୍ତକାରୀ ବା ବି ଡି ଏ ବା ଏଚ. ଆଣ୍ଡ ଇୟୁ. ଡି. ବିଭାଗର କୌଣସି ଅଧିକାରୀଙ୍କୁ କେବେ ନିଜର ପରିବାର ସଦସ୍ୟ ମାନଙ୍କୁ ବେଆଇନ ଉପାୟରେ ପ୍ଲଟ ଯୋଗାଇଦେବାକୁ ପ୍ରଭାବିତ କରିଥିବାର କୌଣସି ତଥ୍ୟ ମିଳିନାହିଁ । ଏହା ଦାଖଲ କରାଯାଇଛି ଯେ ବିଚାର ସମୟରେ ଉପରୋକ୍ତ ଦିଗ ଗୁଡ଼ିକୁ ଅନୁଧ୍ୟାନ କରିବା , ପ୍ରତିଷ୍ଠା କରିବା ଏବଂ ପ୍ରମାଣିତ କରିବା ଆବଶ୍ୟକ । ଏଥିରେ କୁହାଯାଇଛି ଯେ ଏହି ପର୍ଯ୍ୟାୟରେ କେବଳ ଏକ ଆପାତତଃ ପ୍ରାଥମିକ ଦୃଷ୍ଟିଗତ (ପ୍ରାଇମା ଫେସି) ମାମଲା ଉପରେ ବିଚାର କରାଯିବା ଆବଶ୍ୟକ ଏବଂ ଅଭିଯୋଗ ହୋଇଥିବା ଅପରାଧ କୌଣସି ପ୍ରାଥମିକ ଦୃଷ୍ଟିଗତ (ପ୍ରାଇମା ଫେସି) ମାମଲା ହିସାବରେ ଗ୍ରହଣଯୋଗ୍ୟ କି ନାହିଁ ମଧ୍ୟ ବିଚାର କରାଯିବା ଉଚିତ । ଏହା ଦର୍ଶାଯାଇଛି ଯେ ବର୍ତ୍ତମାନର ମାମଲାରେ ପରିବାରର ସଦସ୍ୟମାନଙ୍କୁ ପ୍ଲଟ ଆବଣ୍ଟନ କ୍ଷେତ୍ରରେ ପକ୍ଷପାତିତା ଏବଂ କ୍ଷମତାର ଅପବ୍ୟବହାର କରାଯାଇଥିବା ନିର୍ଦ୍ଦିଷ୍ଟ ଅଭିଯୋଗ ରହିଛି ଏବଂ ଯଦ୍ୱାରା ବିଡ଼ିଏ ଏବଂ ସରକାରୀ ରାଜକୋଷକୁ ବ୍ୟାପକ କ୍ଷତି ପହଁଚିଛି । ଏହା ସ୍ୱତନ୍ତ୍ର ଭାବେ ଅଭିଯୋଗ କରାଯାଇଛି ଯେ ପ୍ରତିବାଦୀ - ଅଭିଯୁକ୍ତଙ୍କ ସମ୍ପର୍କୀୟ ଏବଂ ଅନ୍ୟ ସହଯୋଗୀ ଅଭିଯୁକ୍ତ ସରକାରୀ କର୍ମଚାରୀ ମାନେ ଷଡ଼ଯନ୍ତ୍ର କରି ସାଧା କାଗଜରେ ଆବେଦନ ଦାଖଲ କରିଥିଲେ (ତଥ୍ୟ ପୁସ୍ତିକା (ବ୍ରୋଶର) ରେ ଦିଆଯାଇଥିବା ଫର୍ମରେ ନୁହେଁ) ଏବଂ ଏପରିକି କେତେକ ଆବେଦନରେ ତାରିଖ ପକା ଯାଇନଥିଲା । ଏହା ଦେଖାଯାଇଛି ଯେ ୧୦ ଟି ପ୍ଲଟ ମନମୁଖୀ ଭାବେ ଆବଣ୍ଟନ କରାଯାଇଥିଲା ଏବଂ ପ୍ରତିବାଦୀ - ଅଭିଯୁକ୍ତମାନେ ପରିବାର ସଦସ୍ୟମାନଙ୍କୁ ମାମୁଲି ଦରରେ ପ୍ଲଟ ଆବଣ୍ଟନ କରିଥିଲେ । ଆବେଦନରେ ଦୃଢ ଭାବେ କୁହାଯାଇଛି ଯେ ଅପରାଧିକ ଷଡ଼ଯନ୍ତ୍ର କରି ପରିବାର ସଦସ୍ୟମାନଙ୍କୁ ମନଇଚ୍ଛା ୧୦ଟି ପ୍ଲଟ ପ୍ରଦାନ କରିଥିବା ପରି ଦୁର୍ନୀତିର ଗୁରୁତର ଅଭିଯୋଗ ସତ୍ତ୍ୱେ ପ୍ରତିବାଦୀ - ଅଭିଯୁକ୍ତଙ୍କ ବିରୋଧରେ ହୋଇଥିବା ଅପରାଧିକ କାର୍ଯ୍ୟପ୍ରକ୍ରିୟାକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରି ଭୁଲ କରିଛନ୍ତି ।

୪. ପ୍ରତିବାଦୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଦୃଢୋକ୍ତି ଦେଇଥିଲେ ଯେ - ମୂଳ ଅଭିଯୁକ୍ତ ନଂ. ୪ , ୫ ଏବଂ ୩ ମାମଲାର ତଥ୍ୟ ଏବଂ ପରିସ୍ଥିତି ଅନୁଯାୟୀ ଏବଂ (୧) ପ୍ରତିବାଦୀଙ୍କର ୧୦ଟି ଖାଲି ପ୍ଲଟର ମୂଲ୍ୟ ନିର୍ଦ୍ଧାରଣ କରିବାରେ କୌଣସି ଭୂମିକା ନାହିଁ (୨) ପ୍ରତିବାଦୀଙ୍କ-ଅଭିଯୁକ୍ତ ଆବଂଟନ ଫାଇଲକୁ କୌଣସି ପ୍ରକାରେ ବ୍ୟବହାର କରିନାହାନ୍ତି (୩) ତିନି ଅଭିଯୁକ୍ତଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ବେଆଇନ ଭାବେ ସେମାନଙ୍କ ପରିବାର ସଦସ୍ୟଙ୍କ ସପକ୍ଷରେ ପ୍ଲଟ ପାଇବା ପାଇଁ ବି. ଡି. ଏ. କିମ୍ବା ଏଚ. ଏଣ୍ଡ ୟୁ. ଡି. ବିଭାଗର ଅଧିକାରୀ ବା କୌଣସି ସହ-ଅଭିଯୁକ୍ତଙ୍କୁ ପ୍ରଭାବିତ କରିଛନ୍ତି ଏପରି କୌଣସି ତଥ୍ୟ ନାହିଁ ଇତ୍ୟାଦି ଜାଣିବା ପରେ ସେମାନଙ୍କ ବିରୋଧରେ ଚାଲିଥିବା ଅପରାଧିକ ପ୍ରକ୍ରିୟାକୁ ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ରଦ୍ଦ କରିଛନ୍ତି । ଆବେଦନରେ କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଏହା ଦେଖିବା ପରେ ଫୌଜଦାରୀ ଦଣ୍ଡବିଧିର ଧାରା ୪୮୨ ଅଧୀନରେ ନିଜର କ୍ଷେତ୍ରାଧିକାର କ୍ଷମତା ପ୍ରୟୋଗ କରି ଅଭିଯୁକ୍ତଙ୍କ ବିରୋଧରେ ଅପରାଧିକ କାର୍ଯ୍ୟପ୍ରକ୍ରିୟାକୁ ଖାରଜ କରିଦେଇଛନ୍ତି ।

୪.୧ ଏହା ଦାଖଲ କରାଯାଇଛି ଯେ ଅଭିଯୋଗପତ୍ରର ଅଂଶବିଶେଷ ହୋଇଥିବା ରେକର୍ଡରେ ଥିବା ତଥ୍ୟର ମୂଲ୍ୟାଙ୍କନ ଆଧାରରେ ଉଚ୍ଚ ନ୍ୟାୟାଳୟ ଅପରାଧିକ / ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିଛନ୍ତି ସୁତରାଂ ଏହି ନ୍ୟାୟାଳୟ ସେଥିରେ ହସ୍ତକ୍ଷେପ କରିପାରିବେ ନାହିଁ ।

୫. ଆମେ ସଂପୃକ୍ତ ଉଭୟ ପକ୍ଷଙ୍କର ଉପସ୍ଥିତ ଶ୍ରୀମାନ ଓକିଲଙ୍କୁ ଦୀର୍ଘ ସମୟ ଧରି ଶୁଣିଛୁ ।

୬. ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ଆକ୍ଷେପିତ ରାୟ ଓ ଆଦେଶ ଦେଇ ଉଚ୍ଚ ନ୍ୟାୟାଳୟ ସି ଆର ପି ସି ଧାରା ୪୮୨ ଅନ୍ତର୍ଗତ ନିଜର କ୍ଷେତ୍ରାଧିକାର କ୍ଷମତା ପ୍ରୟୋଗ କରି ଅଧିନିୟମର ଧାରା ୧୩(୨) ସହ ୧୩ (୧) (ଡି) ଏବଂ ଧାରା ୪୨୦ ସହିତ ପଢା ଯାଇଥିବା ଧାରା ୧୨୦ ବି ଅଧୀନରେ ହୋଇଥିବା ଅପରାଧ ପାଇଁ କରାଯାଇଥିବା ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଓ ଆଦେଶରୁ ଏହା ଜଣାପଡୁଛି ଯେ ଉଚ୍ଚ ନ୍ୟାୟଳୟ ଅଭିଯୋଗଗୁଡିକର ଗୁଣାଗୁଣ ଭିତରେ ମୁଣ୍ଡ ପୁରାଇଛନ୍ତି ଏବଂ ଉପଲବ୍ଧ ତଥ୍ୟଗୁଡିକୁ ସବିଶେଷ ବିବେଚନା କରି ଏକ ଲଘୁ ବିଚାର (ମିନି ଟ୍ରାୟଲ) ପରିଚାଳନା କରିଛନ୍ତି ଯାହାକି ଏହି ନ୍ୟାୟାଳୟର ବହୁ ନିଷ୍ପତ୍ତିମାନଙ୍କରେ ସଂପୂର୍ଣ୍ଣ ଅସ୍ୱୀକାର୍ଯ୍ୟ ହୋଇଛି । ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ ବନାମ ଚ. ଭଜନ ଲାଲ ଏବଂ ଅନ୍ୟମାନେ , ଏ ଆଇ ଆର ୧୯୯୨ ଏସ ସି ୬୦୪ ମାମଲାରେ ଏହି ନ୍ୟାୟାଳୟର ରାୟ ଅନୁଯାୟୀ , କୌଣସି ନ୍ୟାୟାଳୟର ପ୍ରକ୍ରିୟାର ଅପବ୍ୟବହାର ରୋକିବା ଏବଂ / ଅଥବା ନ୍ୟାୟର ଆଭିମୁଖ୍ୟକୁ ସୁରକ୍ଷିତ ରଖିବା ଲାଗି ସି ଆର ପି ସି ଧାରା ୪୮୨ ଅଧୀନରେ କ୍ଷମତା ପ୍ରୟୋଗ କରାଯାଇପାରିବ । ଉକ୍ତ ନିଷ୍ପତ୍ତିରେ ଏହି ନ୍ୟାୟାଳୟ ସାଧାରଣ ନିୟମର ଏକ ବ୍ୟତିକ୍ରମ ବାହାର କରିଥିଲେ ଯେ ସାଧାରଣତଃ ସି ଆର ପି ସି ଧାରା ୪୮୨ ଅଧୀନରେ କ୍ଷମତା ପ୍ରୟୋଗ କରି ଫୌଜଦାରୀ

ମାମଲା / ଏଫ ଆଇ ଆର କୁ ରଦ୍ଦ କରାଯାଇପାରିବ ନାହିଁ । ଉପରୋକ୍ତ ସାଧାରଣ ନିୟମର ବ୍ୟତିକ୍ରମ ଭଜନ ଲାଲ (ପୂର୍ବୋକ୍ତ) ମାମଲାର ପାରା ୧୦୨ ରେ ଦର୍ଶାଯାଇଛି ଯାହାକି ନିମ୍ନରେ ଦିଆଗଲା :

> "୧୦୨. ଅଧ୍ୟାୟ ୧୪ ଅଧୀନରେ ସଂହିତାର ବିଭିନ୍ନ ପ୍ରାସଙ୍ଗିକ ବ୍ୟବସ୍ଥାର ବ୍ୟାଖ୍ୟା ଏବଂ ଅନୁଚ୍ଛେଦ ୨୨୬ ଅଧୀନରେ ଅସାଧାରଣ କ୍ଷମତାର ପ୍ରୟୋଗ ସମ୍ବନ୍ଧୀୟ ଏକାଧିକ ନିଷ୍ପତ୍ତିରେ ଏହି ନ୍ୟାୟାଳୟ ଦ୍ୱାରା ପ୍ରତିପାଦିତ ଆଇନର ସିଦ୍ଧାନ୍ତ ଏବଂ ସଂହିତାର ଧାରା ୪୮୨ ଅଧୀନରେ ଅନ୍ତର୍ନିହିତ କ୍ଷମତା ଯାହାକି ଆମେ ଉପରେ ଉଦ୍ଧୃତ ଏବଂ ପୁନରୁତ୍ପାଦିତ କରିଛୁ , ଆମ୍ଭେ ଉଦାହରଣ ସ୍ୱରୂପ ନିମ୍ନଲିଖିତ ଶ୍ରେଣୀଭୁକ୍ତ ମାମଲାଗୁଡ଼ିକୁ ଦର୍ଶାଉଛୁ ଯେଉଁଥିରେ କୌଣସି ନ୍ୟାୟାଳୟ ପ୍ରକ୍ରିୟାର ଅପବ୍ୟବହାର ରୋକିବା କିମ୍ବା ଅନ୍ୟଥା ନ୍ୟାୟର ଆଭିମୁଖ୍ୟ / ଉଦ୍ଦେଶ୍ୟକୁ ସୁରକ୍ଷିତ ରଖିବା ପାଇଁ ଏପରି କ୍ଷମତାର ବ୍ୟବହାର କରାଯାଇପାରିବ , ଯଦିଓ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ, ସ୍ୱଷ୍ଟ ଭାବେ ପରିଭାଷିତ ଏବଂ ଯଥେଷ୍ଟ ସୁସଂଗତ ମାର୍ଗଦର୍ଶିକା କିମ୍ବା କଠୋର ସୂତ୍ରର ନିର୍ଦ୍ଧାରଣ କରିବା ସମ୍ଭବପର ନୁହେଁ ଏବଂ ଏପରି ଅସଂଖ୍ୟ ମାମଲାଗୁଡିକର ସୂଚୀ ଦେବା ସମ୍ଭବ ନୁହେଁ ଯେଉଁଠାରେ ଏହି କ୍ଷମତା ପ୍ରୟୋଗ କରାଯାଇପାରିବ ।
>
> (୧) ଯେଉଁଠାରେ ପ୍ରଥମ ସୂଚନା ରିପୋର୍ଟ (ଏଫ ଆଇ ଆର୍) ରେ କିମ୍ବା ଅଭିଯୋଗନାମାରେ କରାଯାଇଥିବା ଅଭିଯୋଗ , ସେଗୁଡ଼ିକୁ ଯଦି ଉପରୁ ଉପରୁ ମୂଲ୍ୟାଙ୍କନ କରି ଗ୍ରହଣ କରାଯାଏ ଏବଂ ସମ୍ପୂର୍ଣ୍ଣ ଭାବେ ସ୍ୱୀକାର କରାଯାଏ , ତେବେ ତାହା କୌଣସି ଆପାତତଃ ଦୃଷ୍ଟିଗତ (ପ୍ରାଇମା ଫେସୀ ) ଅପରାଧ ହେବ ନାହିଁ କିମ୍ବା ଅଭିଯୁକ୍ତ ବିରୁଦ୍ଧରେ କୌଣସି ମାମଲା ଗଠନ କରିବ ନାହିଁ ।
>
> (୨) ଯେଉଁଠାରେ ପ୍ରଥମ ସୂଚନା ରିପୋର୍ଟ (ଏଫ ଆଇ ଆର ) ରେ ଅଭିଯୋଗ ଏବଂ ତତ୍ ସହ ଏଫ ଆଇ ଆର ରେ ସାମିଲ ଅନ୍ୟ କୌଣସି ତଥ୍ୟ , ଯଦି ଥାଏ , ତାହା ଆଇନ ଦ୍ୱାରା ଅନୁସନ୍ଧାନ ଯୋଗ୍ୟ ଅପରାଧ (କୋଗନିଜେବଲ ଅଫେନସ ) ହୋଇନଥାଏ , ସେଠାରେ ସଂହିତା ର ଧାରା ୧୫୫ (୨) ପରିସର ଅନ୍ତର୍ଗତ ଜଣେ ମାଜିଷ୍ଟ୍ରେଟଙ୍କ ଆଦେଶାଧୀନ ତଦନ୍ତ ଛଡା ସଂହିତାର ଧାରା ୧୫୬ (୧) ଅଧୀନରେ ପୁଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଆବଶ୍ୟକ କରୁଥିବ ।
>
> (୩) ଯେଉଁଠାରେ କି ଏଫ ଆଇ ଆର କିମ୍ବା ଅଭିଯୋଗନାମା ରେ କରାଯାଇଥିବା ଅଭିଯୋଗ ଏବଂ ଏହାର ସମର୍ଥନରେ ସଂଗ୍ରହ କରାଯାଇଥିବା ତଥ୍ୟ କୌଣସି ଅପରାଧ ଘଟିବାର ସୂଚନା ଦେଇନଥାଏ ଏବଂ ଅଭିଯୁକ୍ତ ବିରୋଧରେ ମାମଲା ପ୍ରସ୍ତୁତ କରି ନଥାଏ ।
>
> (୪) ଯେଉଁଠାରେ କି ଏଫ ଆଇ ଆର ରେ ଥିବା ଅଭିଯୋଗ ଏକ ଆଇନ ଅନୁସନ୍ଧାନ ଯୋଗ୍ୟ ଅପରାଧ (କୋଗନିଜେବଲ ଅଫେନସ) ନୁହେଁ ବରଂ ଏହା କେବଳ ଏକ ୪୨ ଖଣ୍ଡ ଇ ର ଧର୍ତ୍ତବ୍ୟ / ଦଣ୍ଡନୀୟ ଅପରାଧ (ନନକୋଗନିଜେବଲ ୪୨ ପାର୍ଟ ଇ ଅଫେନସ ) ଅଟେ , ସଂହିତାର ଧାରା ୧୫୫ (୨) ଅଧୀନରେ ଦିଆଯାଇଥିବା ମାଜିଷ୍ଟ୍ରେଟଙ୍କ ଆଦେଶ ବିନା ପୁଲିସ ଅଧିକାରୀ ଦ୍ୱାରା କୌଣସିପ୍ରକାର ତଦନ୍ତକୁ ଅନୁମତି ଦିଆଯାଇ ପାରିବ ନାହିଁ ।
>
> (୫) ଯେଉଁଠାରେ ଏଫ ଆଇ ଆର୍ କିମ୍ବା ଅଭିଯୋଗନାମାରେ କରାଯାଇଥିବା ଅଭିଯୋଗ ଏତେ ଅଯୌକ୍ତିକ ଏବଂ ସ୍ୱାଭାବିକ ଭାବେ ଅସମ୍ଭବ ଯେ କୌଣସି ବିଜ୍ଞ ବ୍ୟକ୍ତି କେବେ ବି ଏହି ନ୍ୟାୟିକ ନିଷ୍ପତ୍ତିରେ ପହଞ୍ଚି ପାରିବ ନାହିଁ ଯେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ଆଧାର ରହିଛି ।

(୬) ଯେଉଁଠାରେ ସଂହିତାର କୌଣସି ଉପବନ୍ଧରେ କିମ୍ବା ସମ୍ପୃକ୍ତ ଅଧିନିୟମରେ ( ଯାହା ଅଧୀନରେ ଏକ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ) ସଂସ୍ଥା ପ୍ରତି ଓ କାର୍ଯ୍ୟପ୍ରକ୍ରିୟା ଜାରି ରଖିବା ପ୍ରତି କୌଣସି ସ୍ପଷ୍ଟ ଆଇନଗତ ପ୍ରତିବନ୍ଧ କରାଯାଇଥାଏ , ଏବଂ / ଅଥବା ଯେଉଁଠାରେ ସଂହିତା କିମ୍ବା ସମ୍ପୃକ୍ତ ଅଧିନିୟମରେ କୌଣସି ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଭାବେ ରହିଛି , ସେଠାରେ ଅସନ୍ତୁଷ୍ଟ ପକ୍ଷର ଅଭିଯୋଗ ପାଇଁ ପ୍ରଭାବଶାଳୀ ପ୍ରତିକାର ପ୍ରଦାନ କରିଥାଏ ।

(୭) ଯେତେବେଳେ କୌଣସି ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାରେ ଦୁର୍ଭାବନା ସହ ଭାଗ ନିଆଯାଏ ଏବଂ / ଅଥବା ଯେଉଁଠାରେ ଅଭିଯୁକ୍ତ ଉପରେ ପ୍ରତିଶୋଧ ନେବାର ମନ୍ଦ ଉଦ୍ଦେଶ୍ୟରେ କାର୍ଯ୍ୟପ୍ରକ୍ରିୟା କରାଯାଇଥାଏ ଏବଂ ବ୍ୟକ୍ତିଗତ କାରଣରୁ ରାଗ ରଖି ପ୍ରତିହିଂସା ପରାୟଣ ଭାବନାରେ ତାଙ୍କୁ ବ୍ୟଥିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ।"

୬.୧ ବର୍ତ୍ତମାନର ମାମଲାରେ ପ୍ରତିବାଦୀ-ଅଭିଯୁକ୍ତଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ଏବଂ ଏକ ବ୍ୟାପକ ତଦନ୍ତ କରିବା ପରେ ଭିଜିଲାନ୍ସ ସେଲ ଅଭିଯୋଗ ପତ୍ର (ଚାର୍ଜସିଟ୍) ଦାଖଲ କରିଥିବା ତଥ୍ୟକୁ ବିବେଚନା କରି , ଏହା କୁହାଯାଇ ପାରିବନାହିଁ ଯେ ଭଜନ ଲାଲ (ପୂର୍ବୋକ୍ତ) ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପାରା ୧୦୨ ରେ ଦର୍ଶା ଯାଇଥିବା କୌଣସି ବ୍ୟତିକ୍ରମ ମଧ୍ୟରେ ଏହି ମାମଲା ଆସୁଛି।ପ୍ରତିବାଦୀ-ଅଭିଯୁକ୍ତଙ୍କ ବିରୋଧରେ ଆରମ୍ଭ କରାଯାଇଥିବା ଫୌଜଦାରୀ କାର୍ଯ୍ୟାନୁଷ୍ଠାନ କୌଣସି ନ୍ୟାୟାଳୟର ପ୍ରକ୍ରିୟାର ଅପବ୍ୟବହାର ବୋଲି କୁହାଯାଇ ପାରିବ ନାହିଁ । ଅପରପକ୍ଷରେ ମନ୍ଦ ଉଦ୍ଦେଶ୍ୟ ରଖି କ୍ଷମତାର ଅପବ୍ୟବହାର କରିବା ଏବଂ ଅପରାଧିକ ଷଡ଼ଯନ୍ତ୍ର କରି ପରିବାର ସଦସ୍ୟମାନଙ୍କୁ ପ୍ଲଟ ଆବଣ୍ଟନ କରିବା ଏବଂ ପରିବାର ସଦସ୍ୟମାନଙ୍କୁ ତୁଚ୍ଛ ମୂଲ୍ୟରେ ପ୍ଲଟ ଯୋଗାଇ ବି ଡି ଏ ଏବଂ ସରକାରୀ ରାଜକୋଷକୁ କ୍ଷତି ପହଁଚାଇବା ଇତ୍ୟାଦିର ଏହି ଅଭିଯୋଗମାନ ଦୃଷ୍ଟାନ୍ତ ଅଟନ୍ତି ।

୬.୨ ରଦ୍ଦ କରାଯିବାର କ୍ଷମତାକୁ ଦୁର୍ଲଭ କ୍ଷେତ୍ରରେ ସତର୍କତା ଏବଂ ସଂଯମତା ସହ ବ୍ୟବହାର କରିବା ଉଚିତ । ଆଇନର ସ୍ଥିରୀକୃତ ପ୍ରସ୍ତାବ ଅନୁଯାୟୀ ଏଫ ଆଇ ଆର / ଅଭିଯୋଗକୁ ପରୀକ୍ଷା କରି ରଦ୍ଦ କରିବାକୁ ଦରକାର ହେବା ସମୟରେ ଏଫ ଆଇ ଆର / ଅଭିଯୋଗନାମାରେ କରାଯାଇଥିବା ଅଭିଯୋଗର ବିଶ୍ୱସନୀୟତା କିମ୍ବା ସତ୍ୟତା ସମ୍ପର୍କରେ ନ୍ୟାୟାଳୟ କୌଣସି ତଦନ୍ତ ଆରମ୍ଭ କରିପାରିବେ ନାହିଁ । କୌଣସି ଅଭିଯୋଗ / ଏଫ ଆଇ ଆର କୁ ରଦ୍ଦ କରିବା କୌଣସି ସାଧାରଣ ନିୟମ ନୁହେଁ ବରଂ ଏକ ବ୍ୟତିକ୍ରମ ହେବା ଉଚିତ । ସାଧାରଣତଃ ଯେତେବେଳେ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଅଭିଯୋଗ ପତ୍ର (ଚାର୍ଜସିଟ) ଦାଖଲ କରାଯାଇଥାଏ ସେତେବେଳେ ସି ଆର ପି ସି ଧାରା ୪୮୨ ଅଧୀନରେ କ୍ଷମତା ପ୍ରୟୋଗ କରି ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରାଯିବା ଉଚିତ ନୁହେଁ । ସି ଆର ପି ସି ର ଧାରା ୪୮୨ ଅଧୀନରେ କାର୍ଯ୍ୟନିର୍ବାହ ଏବଂ / ଅଥବା ଆବେଦନକୁ ବିଚାର କରୁଥିଲେ ନ୍ୟାୟାଳୟମାନଙ୍କୁ ଅଭିଯୋଗ ଏବଂ / ଅଥବା ପ୍ରମାଣର ଗୁଣବତ୍ତା ଉପରେ ବିସ୍ତୃତ ଭାବେ ବିଚାର କରିବାର ଆବଶ୍ୟକତା ନାହିଁ , ଯେପରି କି ଲଘୁ ବିଚାର (ମିନି ଟ୍ରାୟଲ) ପରିଚାଳନା କରୁଛନ୍ତି । ସି ଆର ପି ସି ଧାରା ୪୮୨ ଅନ୍ତର୍ଗତ କ୍ଷମତା ଅତ୍ୟନ୍ତ ବ୍ୟାପକ ବୋଲି ଏହି ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଇଛି , କିନ୍ତୁ ବ୍ୟାପକ କ୍ଷମତା

ପାଇଲେ ନ୍ୟାୟାଳୟକୁ ଅଧିକ ସତର୍କ / ସଂଯମ ରହିବାର ଆବଶ୍ୟକତା ରହିଛି । ଏହା ନ୍ୟାୟାଳୟକୁ ଏକ କଠିନ ଏବଂ ଅଧିକ ପରିଶ୍ରମମୂଳକ କର୍ତ୍ତବ୍ୟ ପ୍ରଦାନ କରିଥାଏ ।

୬.୩ ବର୍ତ୍ତମାନର ମାମଲାରେ ୧୦ ଟି ପ୍ଲଟ ଆବଣ୍ଟନ ସମ୍ବନ୍ଧରେ ଅଭିଯୋଗମାନ ଥିଲା , ଯାହାକି ଇଚ୍ଛାଧୀନ କୋଟାରେ ଆବଣ୍ଟନ କରାଯିବାର ଆବଶ୍ୟକତା ଥିଲା । ଏଥିରେ କୌଣସି ବିବାଦ ନାହିଁ ଯେ ଯଥା ସମୟରେ ପ୍ରତିବାଦୀ-ଅଭିଯୁକ୍ତମାନେ ପ୍ଲଟ ଆବଣ୍ଟନ ସମ୍ପର୍କରେ ପ୍ରତ୍ୟକ୍ଷରେ ହେଉ କିମ୍ବା ପରୋକ୍ଷ ଭାବେ ହେଉ ସମ୍ପୃକ୍ତ ବିଭାଗ ସହ ଯୋଡ଼ି ହୋଇ ରହିଥିଲେ । ବି ଡି ଏ ର ସହ ଉପାଧ୍ୟକଙ୍କର ଷ୍ଟେନୋ ଭାବରେ ଅଭିଯୁକ୍ତ ନଂ ୪ ଶ୍ରୀମତୀ ପ୍ରତିମା ମହାନ୍ତି କାର୍ଯ୍ୟ କରୁଥିଲେ । ଅଭିଯୋଗ ଅନୁଯାୟୀ , ଅଭିଯୁକ୍ତ ଶ୍ରୀମତୀ ପ୍ରତିମା ମହାନ୍ତିଙ୍କ ଭାଇ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଠାରୁ ବିନା ତାରିଖ ଦେଇ ଏକ ସାଧା କାଗଜରେ ପ୍ଲଟ ଆବଣ୍ଟନ ପାଇଁ ଏକ ଆବେଦନ ହସ୍ତଗତ ହୋଇଥିଲା । ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ଏହି ପ୍ଲଟ ତାଙ୍କ ଭାଇଙ୍କ ନାମରେ ଦିଆଯାଇଥିଲେ ମଧ୍ୟ ପ୍ଲଟ ଆବଣ୍ଟନ ପରେ ତାହା ତାଙ୍କର ଦଖଲ ଅଧିକାରରେ ରହିଛି । ଏହି ମାମଲାରେ ଅଭିଯୋଜନ ପକ୍ଷଙ୍କ ତରଫରୁ ଅଭିଯୁକ୍ତ ନଂ ୫- ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପ୍ରସଙ୍ଗରେ କୁହାଯାଇଛି ଯେ ପ୍ରତିବାଦୀ ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ର (ଅଭିଯୁକ୍ତ ନଂ ୫) ଙ୍କ ଶାଳୀ/ଭାଉଜ (ସିଷ୍ଟର-ଇନ-ଲ) ସୁଶ୍ରୀ ରାଜଲକ୍ଷ୍ମୀ ସାମଲଙ୍କ ନାମରେ ପ୍ଲଟ ଆବଣ୍ଟନ ପାଇଁ ଏକ ସାଧା କାଗଜରେ ଦରଖାସ୍ତ ଲେଖାଯାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ସମୀର ଦେ (ଅଭିଯୁକ୍ତ ନଂ ୬) ଙ୍କ ଦ୍ୱାରା ବି ଡି ଏ ର ସଚିବ ଶ୍ରୀ ପି.କେ.ପଟ୍ଟନାୟକଙ୍କୁ ପଠାଯାଇଥିଲା । ଏଠାରେ ପ୍ରକାଶ ଥାଉ କି ସେହି ସମୟରେ ଉକ୍ତ ଅଭିଯୁକ୍ତ ବି ଡି ଏ ର ଆବଣ୍ଟନ ବିଭାଗରେ କାର୍ଯ୍ୟରତ ଥିଲେ । ଅଭିଯୋଜନଙ୍କ କହିବାନୁଯାୟୀ ଅଭିଯୁକ୍ତ ନଂ. ୩ ରାଜେନ୍ଦ୍ର କୁମାର ସାମଲ ଯିଏ କି ଆବଣ୍ଟନ ବିଭାଗ - ୨, ବି. ଡି. ଏ.ରେ ସହାୟକ କର୍ମଚାରୀ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ରୂପେ କାମ କରୁଥିଲେ, ତାଙ୍କ ବିରୁଦ୍ଧରେ ଅଭିଯୋଗ ଏହିକି ଯେ ତାଙ୍କ ପତ୍ନୀଙ୍କ ନାମରେ ପ୍ଲଟ ଆବଣ୍ଟନ ପାଇଁ ଆବେଦନ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ , ଏପରିକି ସେତେବେଳର ମନ୍ତ୍ରୀ ମୂଳ ଅଭିଯୁକ୍ତ ନମ୍ବର - ୬ ହିଁ ଥିଲେ । ଅଭିଯୋଗ ଅନୁସାରେ ବିନା ତାରିଖରେ ଆବେଦନ ଦାଖଲ କରାଯାଇଥିଲା ଏବଂ ଏପରି ବିନା ତାରିଖ ପଡିଥିବା ଆବେଦନ ଆଧାରରେ ତାଙ୍କ ପତ୍ନୀଙ୍କ ନାମରେ ପ୍ଲଟ ଆବଣ୍ଟନ କରାଯାଇଛି ।

୭. ତେଣୁ ଉପରୋକ୍ତ ତଥ୍ୟକୁ ବିଚାର କରି ଏହା କୁହାଯାଇପାରିବ ନାହିଁ ଯେ ପ୍ରତିବାଦୀ - ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ କୌଣସି ପ୍ରକାରେ ଆଇନର ଏବଂ / କିମ୍ବା ନ୍ୟାୟାଳୟର ଅପବ୍ୟବହାର ଥିଲା । ପ୍ରତିବାଦୀ-ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଅତ୍ୟନ୍ତ ଗୁରୁତର , ଯେଉଁଥିରେ କି ଅପରାଧିକ ଷଡ଼ଯନ୍ତ୍ର କରି ସେମାନଙ୍କ ନିଜ ପରିବାର ସଦସ୍ୟ /ସମ୍ପର୍କୀୟଙ୍କୁ ଇଚ୍ଛାଧୀନ କୋଟାରେ ଥିବା ୧୦ ଟି ପ୍ଲଟ ମନମୁଖୀ ଭାବେ ଆବଣ୍ଟନ କରିବା ଭଳି

ଅଭିଯୋଗ ସାମିଲ ରହିଛି । ବି ଡ଼ି ଏ ଏବଂ ସରକାରୀ କୋଷାଗାରକୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ନିର୍ଦ୍ଦିଷ୍ଟ ଅଭିଯୋଗ ରହିଛି , ଯେହେତୁ ଅଭିଯୋଜନ ପକ୍ଷ ଅନୁଯାୟୀ ଏହି ପ୍ଲଟ ଯେପରି ଫିଙ୍ଗି ଦେବା ଭଳି ତୁଚ୍ଛ ଦରରେ ଆବଣ୍ଟନ କରାଯାଇଥିଲା । ଏହି ସମସ୍ତ ଦିଗକୁ ବିଚାର ପର୍ଯ୍ୟାୟ ସମୟରେ ଅନୁଧ୍ୟାନକୁ ନିଆଯିବା ଆବଶ୍ୟକ ଏବଂ ସି ଆର ପି ସି ଧାରା ୪୮୨ ଅଧୀନରେ କରାଯାଇଥିବା ଆବେଦନକୁ ବିବେଚନା କରିବା ସମୟରେ ନୁହେଁ ।

୮. ଏହି ପର୍ଯ୍ୟାୟରେ ତା ୧୫.୧୨.୨୦୧୦ ରିଖ ଦିନ କେ. ରାଜୁ ବନାମ ବାଙ୍ଗାଲୋର ବିକାଶ ପ୍ରାଧିକରଣ ମାମଲାରେ ୨୦୦୮ ର ରିଟ ପିଟିସନ ନମ୍ବର ୧୧୧୦୨ ରେ ଏହିପରି ସମାନ ପରିସ୍ଥିତିରେ ଥିବା ସ୍ୱେଚ୍ଛାକୃତ କୋଟାରେ ପ୍ଲଟ ବଣ୍ଟନ ପ୍ରସଙ୍ଗରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ବିଚାର କରିବା ଆବଶ୍ୟକ । ମାନ୍ୟବର ବିଚାରପତି ଶ୍ରୀ ଏସ ଅବଦୁଲ ନାଜିର ସେତେବେଳେ ଏହି ଖଣ୍ଡପୀଠରେ ଥାଇ ନିମ୍ନାନୁସାରେ ନିଜର ମତ ରଖିଥିଲେ ।

> ଏହା ସୁପ୍ରତିଷ୍ଠିତ ଯେ , ବୈଧାନିକ କ୍ଷମତା ପାଇଥିବା ଏକ ସରକାରୀ ସଂସ୍ଥା ଏହାର କ୍ଷେତ୍ରାଧିକାରକୁ ଅତିକ୍ରମ ନ କରିବା କିମ୍ବା ଅପବ୍ୟବହାର ନ କରିବା ପ୍ରତି ଧ୍ୟାନ ରଖିବା ଉଚିତ । ଏହା ପ୍ରତିଶ୍ରୁତିବଦ୍ଧ କର୍ତ୍ତୃତ୍ୱ ସୀମା ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ । "୩୧. ବି ଡି ଏ ହେଉଛି ସାର୍ବଜନୀନ ସମ୍ପତ୍ତିର ସଂରକ୍ଷକ । ଏହା ଏକ ବ୍ୟକ୍ତିବିଶେଷ ପରି କାହାକୁ ଦାନ ଦେବା ନିମନ୍ତେ ଚୟନ କରିବା ପାଇଁ ସ୍ୱାଧୀନ ନୁହେଁ । ସମ୍ପତ୍ତି ଆବଣ୍ଟନ ପାଇଁ ଏକ ସ୍ୱଚ୍ଛ ଏବଂ ବସ୍ତୁନିଷ୍ଠ ମାନଦଣ୍ଡ / ପ୍ରକ୍ରିୟା ଅବଲମ୍ବନ କରିବା ଉଚିତ ଯାହାକି କାରଣଯୁକ୍ତ , ନ୍ୟାୟସଂଗତ ପ୍ରଦର୍ଶନ ଏବଂ ଅସ୍ୱେଚ୍ଛାଚାରିତା ଆଧାରରେ ବିବର୍ତ୍ତିତ ହେବା ଆବଶ୍ୟକ । ଏଭଳି କାର୍ଯ୍ୟପ୍ରକ୍ରିୟାରେ ଜନକଲ୍ୟାଣ ହିଁ ମୁଖ୍ୟ ମାର୍ଗଦର୍ଶନର କାରଣ ହେବ ଉଚିତ । ରମଣ ଦୟାରାମ ସେଟ୍ଟୀ ବନାମ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ,ଏ ଆଇ ଆର ୧୯୭୯ ଏସ ସି ୧୬୨୮ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଚାକିରି, ଠିକା, କୋଟା, ଲାଇସେନ୍ସ ପ୍ରଦାନ କରିବା ଭଳି ମାମଲାରେ ମଧ୍ୟ ଏହାକୁ ଆଇନ ବୋଲି ଧରି ନେଇ ସରକାର ଉଚିତ ଏବଂ ନ୍ୟାୟସଙ୍ଗତ ଢଙ୍ଗରେ କାର୍ଯ୍ୟ କରିବା ଆବଶ୍ୟକ ଏବଂ ସମ୍ପତ୍ତିର କୌଣସି ମନମୁଖୀ ବଣ୍ଟନ ଭୂମି ଆଇନର ଅବମାନନା ଧରାଯିବ । ଇନ କମନ କଜ ,ଏ ରେଜିଷ୍ଟର୍ଡ ସୋସାଇଟି ବନାମ କେନ୍ଦ୍ର ସରକାର (ୟୁନିଅନ ଅଫ ଇଣ୍ଡିଆ) , (୧୯୯୬) ୬ ଏସ ସି ସି ୫୩୦ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ନିମ୍ନଲିଖିତ ରାୟ ଦେଇଛନ୍ତି । ଏବେ ସରକାର - ଏକ କଲ୍ୟାଣକାରୀ ରାଷ୍ଟ୍ରରେ - ନାଗରିକମାନଙ୍କୁ ଅନେକପ୍ରକାର ସୁବିଧା ପ୍ରଦାନ କରୁଛନ୍ତି । ସରକାର ଉଦାରମନା ହୋଇ ବିଭିନ୍ନ ରୂପରେ ଦାନ ବିତରଣ କରୁଛନ୍ତି ଯଥା ପ୍ଲଟ, ଘର, ପେଟ୍ରୋଲ ପମ୍ପ, ଗ୍ୟାସ ଏଜେନ୍ସି , ଚୁକ୍ତିଭିତ୍ତିକ ଖଣିଜ ଲିଜ , କୋଟା ଏବଂ ଲାଇସେନ୍ସ ଇତ୍ୟାଦି ସମ୍ପଦ ଆବଣ୍ଟନ ନୀତିରେ ବାଣ୍ଟୁଛନ୍ତି । । ଜଣେ ମନ୍ତ୍ରୀ ଯିଏକି ସଂପୃକ୍ତ ବିଭାଗର କାର୍ଯ୍ୟକାରୀ ମୁଖ୍ୟ , ସେ ଏହି ଲାଭ ଏବଂ ଭଡ଼ା ବଣ୍ଟନ କରିଥାନ୍ତି । ସେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଏବଂ ଏପରି ଏକ ପଦାସୀନ ବ୍ୟକ୍ତି ଉପରେ ଜନସାଧାରଣଙ୍କର ଏକ ଗଭୀର ବିଶ୍ୱାସ ଜନ୍ମିଥାଏ ।

ସର୍ବସାଧାରଣ ସମ୍ପତ୍ତିକୁ ତାଙ୍କୁ ନିରପେକ୍ଷ ଏବଂ ନ୍ୟାୟପୂର୍ଣ୍ଣ ଭାବେ ବ୍ୟବହାର କରିବାକୁ ପଡ଼ିବ । ତାଙ୍କ ଉପରେ ଜନସାଧାରଣଙ୍କ ଦ୍ୱାରା ଦର୍ଶାଯାଇଥିବା ବିଶ୍ୱାସକୁ ସେ ଭଙ୍ଗ କରିପାରିବେ ନାହିଁ । ଓଙ୍କାର ଲାଲ ବଜାଜ ଏବଂ ଅନ୍ୟ ବନାମ ଭାରତ ସଂଘ , (୨୦୦୩) ୨ ଏସ ସି ସି ୬୭୩ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶାସନର ମୁଖ୍ୟ ସିଦ୍ଧାନ୍ତର ସଂକ୍ଷିପ୍ତସାର ନିମ୍ନମତେ ପ୍ରଦାନ କରିଛନ୍ତି ,

> ୩୫."ସାର୍ବଜନୀନ ସ୍ୱାର୍ଥ" କିମ୍ବା " ଶାସନର ସଚ୍ଚୋଟତା / ସମ୍ଭାବନା " ଅଭିବ୍ୟକ୍ତିକୁ ପ୍ରତିବନ୍ଧ/କଟକଣା ମଧ୍ୟରେ ରଖାଯାଇପାରିବ ନାହିଁ । "ସାର୍ବଜନୀନ ସ୍ୱାର୍ଥ" ବିଭିନ୍ନ ଦିଗକୁ ଧ୍ୟାନରେ ରଖିଥାଏ । ସାର୍ବଜନୀନ ସ୍ୱାର୍ଥର ସଜ୍ଞା ନିର୍ଦ୍ଧାରଣ କରିବା ପାଇଁ କୌଣସି କଠୋର ନିୟମ ହୋଇପାରିବ ନାହିଁ । ପ୍ରତ୍ୟେକ ମାମଲାରେ ନିର୍ଦ୍ଦିଷ୍ଟ ପରିସ୍ଥିତି ନିର୍ଦ୍ଧାରଣ କରିବ ଯେ ସରକାର ଜନସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନେଇଛନ୍ତି ନା ନାହିଁ କିମ୍ବା ୦୨-୧୨-୨୦୨୧ (୨୩ ର ପୃଷ୍ଠା ୧୪) ଡବ୍ଲ୍ୟୁ.ଡବ୍ଲ୍ୟୁ.ଡବ୍ଲ୍ୟୁ.ମନୁପାତ୍ର.କମ୍ ମାନ୍ୟବର ବିଚାରପତି ଏମ. ଆର. ଶାହଙ୍କୁ ଶାସନ ନୀତି / ବ୍ୟବସ୍ଥାରେ ସଚ୍ଚୋଟତାକୁ ବଜାୟ ରଖିବା ପାଇଁ ନିଆଯାଇଥିଲା ।
>
> ୩୬. ଶାସନ ନୀତି ଏବଂ ତଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସମାନତା, ନିରପେକ୍ଷତା ଏବଂ ନ୍ୟାୟ ପ୍ରଦର୍ଶନର ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ । ଆଇନ ଉପରେ ଆଧାରିତ ଏକ ସଭ୍ୟ ସମାଜରେ ପ୍ରଶାସନିକ ନୀତି କେବଳ ସ୍ୱଚ୍ଛତା ଉପରେ ଆଧାରିତ ନୁହେଁ ବରଂ ଏପରି ଏକ ଧାରଣା ସୃଷ୍ଟି କରିବା ଆବଶ୍ୟକ ଯେ ନିଷ୍ପତ୍ତି ନେବା କାର୍ଯ୍ୟଟି ସମ୍ଭାବ୍ୟତା ବିଚାର ଉପରେ ପ୍ରଣୋଦିତ । ସରକାରଙ୍କୁ ନ୍ୟସ୍ତ-ସ୍ୱାର୍ଥପରତାରୁ ଏବଂ ପ୍ରିୟାପ୍ରୀତି ତୋଷଣରୁ ଏବଂ ବାହ୍ୟ ଆଡମ୍ବରରୁ ଉର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ । ଶାସନ ବ୍ୟବସ୍ଥାର ଆଇନ ନ୍ୟାୟପୂର୍ଣ୍ଣତା ଏବଂ ନିରପେକ୍ଷତାର ପରୀକ୍ଷାକୁ ସମ୍ମୁଖୀନ କରିବା ଆବଶ୍ୟକ ଏବଂ ମନମୁଖୀ କିମ୍ବା ଅସ୍ଥିରମନା କାର୍ଯ୍ୟ ପ୍ରକ୍ରିୟା ପରିହାର୍ଯ୍ୟ ଏକାନ୍ତ ବିଧେୟ। ତେଣୁ ଶାସନର ସିଦ୍ଧାନ୍ତକୁ ନ୍ୟାୟ, ସମାନତା ଏବଂ ଉଚିତ ପ୍ରଦର୍ଶନ କସୌଟିରେ ପରୀକ୍ଷା କରିବାକୁ ପଡ଼ିବ ଏବଂ ଯଦି ନିଷ୍ପତ୍ତି ନ୍ୟାୟ, ସମାନତା ଏବଂ ଉଚିତ ପ୍ରଦର୍ଶନ ଆଧାରରେ ନ ହୁଏ ଏବଂ ଅନ୍ୟ ପ୍ରସଙ୍ଗକୁ ଧ୍ୟାନରେ ରଖି ନିଆଯାଏ, ଯଦିଓ ଏହି ନିଷ୍ପତ୍ତି ବୈଧ ବୋଲି ପ୍ରତୀତ ହୁଏ , କିନ୍ତୁ ବାସ୍ତବରେ ଏହି ନିଷ୍ପତିର କାରଣ ମୂଲ୍ୟବୋଧ ଉପରେ ଆଧାରିତ ନ ହୋଇ ବରଂ ଲୋକପ୍ରିୟ ପ୍ରଶଂସାଭାଜନ ପାଇଁ ହୋଇଥାଏ , ତେବେ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ।"

୮.୧ 'କମନ କଜ୍, ଏ ରେଜିଷ୍ଟର୍ଡ ସୋସାଇଟି' (ପୂର୍ବୋକ୍ତ) ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତିକୁ ଉଲ୍ଲେଖ କରିବା ପରେ ଏହା ମଧ୍ୟ କୁହାଯାଇଛି ଯେ ଯଦି କୌଣସି ସରକାରୀ କର୍ମଚାରୀ ନିଜର କାର୍ଯ୍ୟରେ କିଛି ତ୍ରୁଟି ଏବଂ ବିଚ୍ୟୁତି କରିଥାନ୍ତି , ଯାହାର ପରିଣାମସ୍ୱରୂପ କୌଣସି ବ୍ୟକ୍ତିବିଶେଷଙ୍କ କ୍ଷତି କିମ୍ବା ସାର୍ବଜନୀନ ସମ୍ପତ୍ତିର କ୍ଷୟକ୍ଷତି ହୋଇଥାଏ , ତେବେ ସେହି ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ । ଏହା ମଧ୍ୟ କୁହାଯାଇଛି ଯେ କୌଣସି ସରକାରୀ

କର୍ମଚାରୀ ମନମୁଖୀ ଭାବେ କ୍ଷମତା ହାତକୁ ନେଇପାରିବେ ନାହିଁ । ଏହି ପରିପ୍ରେକ୍ଷୀରେ ଆମ୍ଭେ ଏହି ନ୍ୟାୟାଳୟର ମନ୍ତବ୍ୟକୁ ନିମ୍ନଲିଖିତ ଭାବେ ମନେ ପକାଇବାକୁ ଚାହୁଁଛୁ :

> "ଆଇନ ଅନୁଯାୟୀ ଉପଯୁକ୍ତ ଏବଂ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସାର୍ବଜନୀନ ଉତ୍ତରଦାୟିତ୍ୱ ଏବଂ କାର୍ଯ୍ୟ ପରିଚାଳନାର ପରିଧିଭୁକ୍ତ ।ରାଜ୍ୟ ଦ୍ୱାରା ବା ଏହାର ଅନ୍ୟ ଜରିଆଗୁଡ଼ିକ ଦ୍ୱାରା ହେଉ ଉଭୟ ସରକାରୀ କର୍ତ୍ତବ୍ୟ ଏବଂ ସରକାରୀ ଦାୟିତ୍ୱ ହେଉଛି ଉତ୍ତମ ପ୍ରଶାସନର ଆବଶ୍ୟକତା ।'' [ ଦିଲ୍ଲୀ ଏୟାରଟେକ୍ ସର୍ଭିସେସ୍ (ପି) ଲିମିଟେଡ ବନାମ ୟୁ.ପି ରାଜ୍ୟ, (୨୦୧୧) ୯ ଏସ ସି ସି ୩୫୪ ଦେଖନ୍ତୁ ]
>
> " ଜଣେ ବ୍ୟକ୍ତି ଯେତେ ଉଚ୍ଚ ସରକାରୀ ପଦରେ ରହିବେ, ତାଙ୍କୁ ସଚ୍ଚୋଟତାର ସେତେ ଅଧିକ ଆବଶ୍ୟକତା ପଡ଼ିବ। [ ଚରନଜୀତ ଲାମ୍ବା ବନାମ ସେନା ଦକ୍ଷିଣ କମାଣ୍ଡ, (୨୦୧୦) ୧୧ ଏସ ସି ସି ୩୧୪ ଦେଖନ୍ତୁ ]
>
> ପ୍ରତ୍ୟେକ ସରକାରୀ ପଦବୀରେ ବସିଥିବା ବ୍ୟକ୍ତି ଜନସାଧାରଣଙ୍କ କଲ୍ୟାଣ ସାଧନାର୍ଥେ ଭରସାଯୋଗ୍ୟ ଅଟନ୍ତି ଏବଂ ସେଥିପାଇଁ ତାଙ୍କର ସମସ୍ତ କାର୍ଯ୍ୟକଳାପ ସ୍ପଷ୍ଟ /ସ୍ୱଚ୍ଛ ହେବା ଆବଶ୍ୟକ।[ ପଦ୍ମା ବନାମ ହୀରାଲାଲ ମୋତିଲାଲ ଦେସର୍ଦା, (୨୦୦୨ ) ୭ ଏସ ସି ସି ୫୬୪ ଦେଖନ୍ତୁ ]
>
> ରାଷ୍ଟ୍ର କିମ୍ବା ସାର୍ବଜନୀନ ସଂସ୍ଥା ତରଫରୁ ସରକାରୀ ପଦରେ କାର୍ଯ୍ୟରତ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହୋଇଥାନ୍ତି ଯେଉଁମାନଙ୍କ ପାଖରେ ସାର୍ବଭୌମତ୍ୱ ନିହିତ ଥାଏ । ତେଣୁ ଜନସାଧାରଣଙ୍କ କଲ୍ୟାଣ ଏବଂ ସାର୍ବଜନୀନ ସ୍ୱାର୍ଥକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ତାଙ୍କୁ ସମସ୍ତ କ୍ଷମତା ଦିଆଯାଇଛି । ଏପରିକି ଚୁକ୍ତି କ୍ଷେତ୍ରରେ ମଧ୍ୟ ସମସ୍ତ କାର୍ଯ୍ୟରେ ଏହା ସମାନ ଭାବେ ଲାଗୁ ହୋଇଥାଏ । ତେଣୁ ସରକାରୀ ପଦରେ ଥିବା ପ୍ରତ୍ୟେକ ବ୍ୟକ୍ତି ଦେଶର ଜନସାଧାରଣଙ୍କ ପ୍ରତି ସର୍ବୋଚ୍ଚ କର୍ତ୍ତବ୍ୟ କରୁଥିବା ଜଣେ ଟ୍ରଷ୍ଟି ସଦୃଶ , ସୁତରାଂ ସରକାରୀ କାର୍ଯ୍ୟ ନିର୍ବାହ କରୁଥିବା ବ୍ୟକ୍ତିଙ୍କର ପ୍ରତ୍ୟେକ ସରକାରୀ କାର୍ଯ୍ୟ , ତାହା ନିର୍ବିଶେଷରେ ଯେଉଁ ଲେବଲରେ ଶ୍ରେଣୀଭୁକ୍ତ ହେଉ ନ କାହିଁକି ଅନ୍ତତଃ ଜନହିତ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଅଟେ । [ ଶ୍ରୀଲେଖା ବିଦ୍ୟାର୍ଥୀ (କୁମାରୀ) ବନାମ ଉତ୍ତର ପ୍ରଦେଶ ରାଜ୍ୟ , (୧୯୯୧) ୧ ଏସ ସି ସି ୨୧୨ ଦେଖନ୍ତୁ ]
>
> ସରକାରୀ ପ୍ରାଧିକାରୀମାନେ ଏହା ହୃଦୟଙ୍ଗମ କରିବା ଉଚିତ ଯେ ଅଧୁନା ସ୍ୱଚ୍ଛତାର ଯୁଗରେ , ପୂର୍ବବତ୍ ଅବାଞ୍ଛିତ ଗୋପନୀୟତାରକ୍ଷା ଅଭ୍ୟାସର ଆଉ ସ୍ଥାନ ନାହିଁ । ଉତ୍ତରଦାୟିତ୍ୱତା ଏବଂ ଦୁର୍ନୀତି ନିରାକରଣତା କେବଳ ସ୍ୱଚ୍ଛତା ମାଧ୍ୟମରେ ହିଁ ସମ୍ଭବପର । [ ଦେଖନ୍ତୁ ଆଇ ସି ଏ ଆଇ ବନାମ ଶୌନକ ଏଚ. ସତ୍ୟା , (୨୦୧୧) ୮ ଏସ ସି ସି ୭୮୧]

ସେଥିପାଇଁ ଯେଉଁ ଅଧିକାରୀମାନେ ପ୍ରାଥମିକ ଭାବେ ନିଜ ସମ୍ପର୍କୀୟ ଏବଂ/ କିମ୍ବା ପରିବାର ସଦସ୍ୟମାନଙ୍କୁ ପ୍ଲଟ ଆବଣ୍ଟନରେ ବେଆଇନ କାର୍ଯ୍ୟ କରିଥିବା ପାଇଁ ଦାୟୀ ଯାହା ଫଳରେ କି ବି ଡ଼ି ଏ ଏବଂ ସରକାରୀ ରାଜକୋଷକୁ ବ୍ୟାପକ କ୍ଷତି ପହଞ୍ଚିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିହାତି ଆବଶ୍ୟକ ।

୯. ଫୌଜଦାରୀ ମାମଲାକୁ ରଦ୍ଦ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ଦିଗ ପ୍ରତି ଆଦୌ ଧ୍ୟାନ ଦେଇନଥିଲେ ଏବଂ ତଦନ୍ତ ସମୟରେ ସଂଗ୍ରହ କରାଯାଇଥିବା ପ୍ରମାଣର ବିଶ୍ୱସନୀୟତା ଏବଂ ସତ୍ୟତା ସମ୍ପର୍କରେ ହୋଇଥିବା ତଦନ୍ତ ଉପରେ ଉଚ୍ଚ ନ୍ୟାୟାଳୟ ଏପରି କାର୍ଯ୍ୟାରମ୍ଭ କରିଛନ୍ତି ଯେପରି ଏକଲଘୁ ବିଚାରଟିଏ ( ମିନି ଟ୍ରାଏଲ) କରୁଥିଲେ । ତେଣୁ ଏହି ଆବେଦନର

ପ୍ରତିବାଦୀ - ମୂଳ ଅଭିଯୁକ୍ତମାନେ ଯଥା ଶ୍ରୀମତୀ ପ୍ରତିମା ମହାନ୍ତି , ଶ୍ରୀ ପ୍ରକାଶ ଚନ୍ଦ୍ର ପାତ୍ର ଏବଂ ଶ୍ରୀ ରାଜେନ୍ଦ୍ର କୁମାର ସାମଲଙ୍କ ବିରୋଧରେ ଚାଲିଥିବା ଫୌଜଦାରୀ କାର୍ଯ୍ୟପ୍ରକ୍ରିୟା କୁ ରଦ୍ଦ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ବିବାଦୀୟ ରାୟ ଓ ଆଦେଶ ଯଥାକ୍ରମେ ଆଇନ ଏବଂ/ଅଥବା ତଥ୍ୟ ଉଭୟ ଦୃଷ୍ଟିରୁ ଅସ୍ଥାୟୀ ଅଟେ ଏବଂ ଏହା ଖାରଜ ତଥା ରଦ୍ଦ ହେବା ଯୋଗ୍ୟ ।

୧୦. ଉପରୋକ୍ତ କାରଣକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଅପିଲ ସଫଳ ହୋଇଛି । ମୂଳ ଅଭିଯୁକ୍ତ ନମ୍ବର୍ ୪ ,୫ ଏବଂ ୩ ଙ୍କ ବିରୋଧରେ ଥିବା ଫୌଜଦାରୀ କାର୍ଯ୍ୟପ୍ରକ୍ରିୟାକୁ ରଦ୍ଦ କରାଯାଇ ୨୦୧୭ ର ଅପରାଧିକ ବିବିଧ ଆବେଦନ ସଂଖ୍ୟା ୩୧୭୭ ଏବଂ ୨୦୧୫ ର ଅପରାଧିକ ବିବିଧ ଆବେଦନ ସଂଖ୍ୟା ୪୮୦୪ ରେ ତା ୦୪.୦୯.୨୦୧୯ ରିଖରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ସାଧାରଣ ଆକ୍ଷେପିତ ରାୟ ଏବଂ ଆଦେଶକୁ ଏଠାରେ ନାକଚ କରି ରଦ୍ଦ କରାଯାଉଛି ।

ଅନ୍ୟ ସହ - ଅଭିଯୁକ୍ତଙ୍କ ସହିତ ପ୍ରତିବାଦୀ ନମ୍ବର ୪,୫ ଏବଂ ୩ ବିଚାର ସମ୍ମୁଖୀନ ହେବେ ।

ତଦନୁସାରେ ବର୍ତ୍ତମାନର ଅପିଲକୁ ଅନୁମତି ପ୍ରଦାନ କରାଗଲା ।

୧୧. ବିଦାୟ ନେବା ପୂର୍ବରୁ ଆମେ ଦେଖିପାରିବା ଯେ ଏବେ ସରକାରୀ ଦାନ ସ୍ୱେଚ୍ଛାଚାରୀ କୋଟା ଆଧାରରେ ବଣ୍ଟନ ପ୍ରତ୍ୟାହାର କରିବାର ଦିନ ଆସିଯାଇଛି କାରଣ ଏହା ଦୁର୍ନୀତି , ପରିବାରବାଦ ଏବଂ ପକ୍ଷପାତିତା ଆଡ଼କୁ ଅନିବାର୍ଯ୍ୟ ଭାବେ ଗତି କରୁଛି । ସରକାର ଏବଂ / ଅଥବା ବିଡ଼ିଏ ଭଳି ସରକାରୀ କର୍ତ୍ତୃପକ୍ଷ ହେଉଛନ୍ତି ସାର୍ବଜନୀନ ସମ୍ପତ୍ତିର ସଂରକ୍ଷକ । ସାର୍ବଜନୀନ ସମ୍ପତ୍ତିର ଆବଣ୍ଟନ ସ୍ୱଚ୍ଛ ଏବଂ ଅସ୍ୱେଚ୍ଛାଚାରୀ ହେବା ଆବଶ୍ୟକ । ଏଭଳି କ୍ଷେତ୍ରରେ ଜନସ୍ୱାର୍ଥ ହିଁ ମୁଖ୍ୟ ମାର୍ଗଦର୍ଶକ ହେବା ଉଚିତ । ଉପରୋକ୍ତ ସିଦ୍ଧାନ୍ତ ସର୍ବୋତ୍ତମ କିମ୍ବା ସର୍ବାଧିକ ମୂଲ୍ୟ ପାଇବା ଲାଗି ଉଦ୍ଦିଷ୍ଟ , ଯାହାଦ୍ୱାରା ଏହା ସାର୍ବଜନୀନ ଉଦ୍ଦେଶ୍ୟ ଏବଂ ସାର୍ବଜନୀନ ସ୍ୱାର୍ଥ ସାଧନ କରିପାରିବ , ଯାହାଦ୍ୱାରା କର୍ତ୍ତୃପକ୍ଷଙ୍କର ଏବଂ / ଅଥବା ସରକାରୀ ରାଜକୋଷର କ୍ଷତି ଏଡ଼ାଇ ଦିଆଯାଇପାରିବ । ଇଚ୍ଛାମୂଳକ କୋଟାରେ ପ୍ଲଟ ଆବଣ୍ଟନ ଏହା ସହିତ ଜଡିତ କ୍ଷମତା ସମ୍ପନ୍ନ ବ୍ୟକ୍ତି ଏବଂ / ଅଥବା ସରକାରୀ କର୍ମଚାରୀମାନଙ୍କର ମନମୁଖୀ ଇଚ୍ଛାରେ ହୋଇପାରିବ ନାହିଁ ।

ଯେତେବେଳେ ଏକ ଗଣତାନ୍ତ୍ରିକ ସରକାର ଏହାର ସ୍ୱେଚ୍ଛାକୃତ ଦାନ ପାଇଁ ପ୍ରାପ୍ତକର୍ତ୍ତାଙ୍କୁ ଚୟନ କରିଥାଏ , ସେତେବେଳେ ଉଦ୍ଦେଶ୍ୟରହିତ , ଯୁକ୍ତିଯୁକ୍ତ , ବୁଦ୍ଧିମତ୍ତାପୂର୍ଣ୍ଣ , ନିରପେକ୍ଷ ଏବଂ ଅସ୍ୱେଚ୍ଛାଚାରୀ ଢଙ୍ଗରେ ବିବେକକୁ ପ୍ରୟୋଗ କରାଯିବା ଉଚିତ ଏବଂ ଏହା ବ୍ୟକ୍ତିଗତ ଏବଂ / ଅଥବା କ୍ଷମତାସୀନ ବ୍ୟକ୍ତି ଏବଂ / ଅଥବା ସରକାରୀ କର୍ମଚାରୀଙ୍କ ମନମୁଖୀ ମତ ବା ଇଚ୍ଛା ଅନୁଯାୟୀ ହେବା ଉଚିତ ନୁହେଁ । ଯଦିଓ ପ୍ଲଟ ଆବଣ୍ଟନ ସମୟରେ କେତେକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଜାରି କରାଯାଇଥାଏ , ତେବେ ମଧ୍ୟ ଅନେକ ସମୟରେ ତାହା ପାଳନ କରାଯାଇନଥାଏ କିମ୍ବା ବିଶେଷ ପରିସ୍ଥିତିରେ ଏଥିରେ ହେରଫେର କରାଯାଇଥାଏ । ତେଣୁ ସର୍ବସାଧାରଣ ସମ୍ପତ୍ତି / ପ୍ଲଟର ସ୍ୱେଚ୍ଛାକୃତ କୋଟାକୁ ଉଚ୍ଛେଦ କରାଯିବା ଉଚିତ ଏବଂ ସର୍ବସାଧାରଣ ନିଲାମି ମାଧ୍ୟମରେ ଯଥାସମ୍ଭବ ଏହାକୁ ପ୍ରଦାନ କରାଯିବା ଉଚିତ । ଏପରିକି ଯେଉଁଠାରେ ଏକ ନିର୍ଦ୍ଦିଷ୍ଟ ବର୍ଗ -

ଦଳିତ ବର୍ଗ ଇତ୍ୟାଦିଙ୍କୁ ପ୍ଲଟ ଆବଣ୍ଟନ କରିବା ଲାଗି ନୀତିଗତ ନିଷ୍ପତ୍ତି ନିଆଯାଏ ସେଠାରେ ମଧ୍ୟ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ ଏବଂ ଏଠାରେ ଉପରେ ଯେପରି କୁହାଯାଇଛି ଆବଣ୍ଟନ ସମୟରେ ନିଶ୍ଚିତ ଭାବରେ ନ୍ୟାୟପୂର୍ଣ୍ଣ ପ୍ରଦର୍ଶନ ଏବଂ ଅସ୍ୱେଚ୍ଛାଚାରିତା ପ୍ରତିଫଳନ ହେବା ଉଚିତ ଏବଂ ଏଥିରେ ଏହାର ଉଦ୍ଦେଶ୍ୟ , ମାନଦଣ୍ଡ / ପ୍ରକ୍ରିୟା ରହିଥିବା ଆବଶ୍ୟକ ।

.........ବିଚାରପତି

[ଏମ. ଆର. ଶାହ]

ନୂଆଦିଲ୍ଲୀ ; .........ବିଚାରପତି

ଡିସେମ୍ବର ୧୧ , ୨୦୨୧. [ବି.ଭି.ନାଗରତ୍ନା]

## ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟାଳୟ , କଟକ**